## କୂଅରେ ପଡ଼ି ନାବାଳିକା ମୃତ

ଛେଣ୍ଡିପଦା,(ସ୍ୱ.ପ୍ର.)- ଅନୁଗୋଳ ଜିଲା ଛେଣ୍ଡିପଦା ଥାନା ମାଛକୁଟା ଗ୍ରାମରେ ଗୁରୁବାର ଜଣେ ୧୨ ବର୍ଷର ନାବାଳିକାଙ୍କ କୂଅରେ ପଡି ମୃତ୍ୟୁ ଘଟିଛି। ମୃତା ହେଲେ ମୁନା ନାଏକଙ୍କ ଝିଅ ମାର୍ଜିନା ନାଏକ(୧୨)। ମାର୍ଜିନା ସକଳେ କୂଅରୁ ପାଣି କାଢୁଥିବା ବେଳେ ଗୋଡ ଖସି ଯାଇଥିଲା। ଖୋଜାଖୋଜି ପରେ ପରିବାର ଲୋକେ ତାଙ୍କୁ କୂଅରୁ ଉଦ୍ଧାର କରି ଛେଣ୍ଡିପଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ଘଟଣା ସ୍ଥଳରେ ପହଁଚି ମୃତଦେହ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରିଛି। ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

## ସଂକ୍ଷେପରେ

### ଶିକାରୀ ଫାଶରେ ୨ ବାର୍‌ହା ମୃତ

**ରାସୋଲ, ୧।୧୦(ଡି.ଏନ.ଏ.):** ହିନ୍ଦୋଳ ବନାଞ୍ଚଳ ରାସୋଲ ସେକ୍ସନ ଅଧୀନ ଭାଲୁଖାଇ ଜଙ୍ଗଲରେ ଜନ୍ତୁ ଶିକାର ପାଇଁ ବିଛାଯାଇଥିବା ବିଦ୍ୟୁତ୍ ତାରରେ ଲାଗି ଦୁଇ ବାର୍‌ହାଙ୍କ ମୃତ୍ୟୁ ଘଟିଛି। ରାତ୍ରିକାଳୀନ ପାଟ୍ରୋଲିଂରେ ନିୟୋଜିତ ବନ କର୍ମଚାରୀ ୨ଟି ମୃତ ବାର୍‌ହା ଜବତ କରିଥିଲେ। ରାସୋଲ ବିଟ୍ ହାଉସ୍‌ରେ ଫରେଷ୍ଟର ସୁଦର୍ଶନ ଦେହୁରୀଙ୍କ ଉପସ୍ଥିତିରେ ପ୍ରାଣୀଧନ ଚିକିତ୍ସାଧିକାରୀ ଅଭିଷେକ ସାହୁ ବ୍ୟବଚ୍ଛେଦ କରିଥିଲେ। ଭାଲୁଖାଇ ଜଙ୍ଗଲରେ ଶିକାରୀମାନେ ତାର ବିଛାଇଥିବା ସୂଚନା ମିଳିବା ପରେ ଚଢ଼ାଉ କରାଯାଇଥିଲା। ଅଭିଯୁକ୍ତମାନେ ଫେରାର ହୋଇଯାଇଥିବା ହିନ୍ଦୋଳ ରେଞ୍ଜର ଲୋହିତ କୁମାର ରଥ ସୂଚନା ଦେଇଛନ୍ତି।

### ସହାୟତା ଦାବିକଲେ ଘରୋଇ ସ୍କୁଲ ସଂଘ

**ଢେଙ୍କାନାଳ ଅଫିସ, ୧।୧୦:** କରୋନା ମହାମାରୀଜନିତ ଲକ୍‌ଡାଉନ ପ୍ରଭାବରେ ଶିକ୍ଷାବ୍ୟବସ୍ଥା ବ୍ୟାପକମାତ୍ରାରେ ପ୍ରଭାବିତ ହୋଇଛି। ଏଥିରେ ବେଶି କ୍ଷତିଗ୍ରସ୍ତ ହୋଇଛନ୍ତି ବେସରକାରୀ ଶିକ୍ଷାନୁଷ୍ଠାନ। ରାଜ୍ୟ ସରକାର ସହାୟତାର ହାତ ନ ବଢ଼ାଇଲେ ଘରୋଇ ବିଦ୍ୟାଳୟଗୁଡ଼ିକର ଅବସ୍ଥା ଶୋଚନୀୟ ହୋଇପଡ଼ିବ ବୋଲି ଢେଙ୍କାନାଳ ଶାଖା ନିଖିଳ ଓଡ଼ିଶା ଘରୋଇ ସ୍କୁଲ ସଂଘ ପକ୍ଷରୁ କୁହାଯାଇଛି। ସ୍କୁଲ ବନ୍ଦ ଯୋଗୁ ୬ ମାସ ହେଲା ଶିକ୍ଷକ ଓ କର୍ମଚାରୀଙ୍କ ଦରମା, ଘରଭଡ଼ା, ଗାଡ଼ି କିସ୍ତି, ବିଦ୍ୟୁତ୍ ବିଲ୍, ରକ୍ଷଣାବେକ୍ଷଣ ଖର୍ଚ୍ଚ ଭରଣା କରାଯାଇପାରିନାହିଁ। ଏହା ସତ୍ତ୍ୱେ ଅନ୍‌ଲାଇନରେ ପାଠପଢ଼ା ଚାଲିଛି। ଘରୋଇ ସ୍କୁଲ ଉପରେ ନିର୍ଭର କରୁଥିବା ଶିକ୍ଷକ, କର୍ମଚାରୀ ନାହିଁ ନ ଥିବା ସମସ୍ୟା ଭୋଗୁଛନ୍ତି। ଏ ଦିଗରେ ରାଜ୍ୟ ସରକାର ଚିନ୍ତା କରିବାକୁ ଜିଲା ସଂଘ ସମ୍ପାଦକ ମନୋରଞ୍ଜନ ଦାସ ଦାବି କରିଛନ୍ତି।

### ୧୦୯ କରୋନା ପଜିଟିଭ୍

**ଅନୁଗୋଳ ଅଫିସ, ୧।୧୦:** ଅନୁଗୋଳ ଜିଲାରୁ ଗୁରୁବାର ୧୦୯ ଜଣ ନୂଆ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ଜିଲାରେ ମୋଟ୍ ପଜିଟିଭ୍ ସଂଖ୍ୟା ୪,୬୧୭ରେ ପହଞ୍ଚିଥିବା ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ସୂଚନା ଦେଇଛନ୍ତି। ଚିହ୍ନଟ ହୋଇଥିବା ଆକ୍ରାନ୍ତଙ୍କ ମଧ୍ୟରେ ଛେଣ୍ଡିପଦା ବ୍ଲକରେ ସର୍ବାଧିକ ୨୫ ଜଣ ଥିବାବେଳେ ତାଳଚେର ବ୍ଲକରେ ୧୮, ତାଳଚେର ପୌରାଞ୍ଚଳରେ ୧୭, ଅନୁଗୋଳ ପୌରାଞ୍ଚଳରେ ୧୬, ବଅଁରପାଳ ବ୍ଲକରେ ୧୫, ପାଲଲହଡ଼ା ବ୍ଲକରେ ୫, ଅନୁଗୋଳ ବ୍ଲକରେ ୪, କଣିହାଁ ବ୍ଲକରେ ୪, ଆଠମଲ୍ଲିକ ବ୍ଲକରେ ୨, ଆଠମଲ୍ଲିକ ବିଜ୍ଞାପିତ ଅଞ୍ଚଳରେ ୨ ଜଣ ଓ କିଶୋରନଗର ବ୍ଲକରେ ଜଣେ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଅନ୍ୟପକ୍ଷରେ ଦିନକରେ ଜିଲାରୁ ୧୭୦ ଜଣ ସୁସ୍ଥ ହୋଇଥିବା ପ୍ରଶାସନ ପକ୍ଷରୁ କୁହାଯାଇଛି।

### ହଟିଲା ବେଆଇନ୍ ହୋର୍ଡିଂ

**ଅନୁଗୋଳ ଅଫିସ, ୧।୧୦:** ଅନୁଗୋଳ ସହରରେ ମାଳ ମାଳ ବେଆଇନ୍ ହୋର୍ଡିଂକୁ ଉଚ୍ଛେଦ କରାଯାଇଛି। ଏଥିସହ ଜିଲାପାଳଙ୍କ କାର୍ଯ୍ୟାଳୟ ମୁଖ୍ୟ ଫାଟକରେ ଲାଗିଥିବା ବିଭିନ୍ନ ବିଜ୍ଞାପନ ମଧ୍ୟ ହଟାଇ ଦିଆଯାଇଛି। ମୋଟ୍ ୧୬ଟି ବେଆଇନ୍ ହୋର୍ଡିଂ ଉଚ୍ଛେଦ କରାଯାଇଥିବା ପୌରପାଳିକା ପକ୍ଷରୁ ସୂଚନା ମିଳିଛି। ତେବେ ଜିଲାପାଳଙ୍କ କାର୍ଯ୍ୟାଳୟ ମୁଖ୍ୟ ଫାଟକରେ କୌଣସି କାଗଜ ବିଜ୍ଞାପନ ଲାଗିପାରିବ ନାହିଁ। ସେହିପରି ବାଉଁଶରେ କୌଣସି ବିଜ୍ଞାପନ ଲାଗାଇବା ଉପରେ ଜିଲାପାଳ ରୋକ୍ ଲଗାଇଛନ୍ତି। ସହରର କୌଣସି ସ୍ଥାନରେ ବେଆଇନ୍ ଭାବେ ହୋର୍ଡିଂ ଲଗାଯାଇ ପାରିବ ନାହିଁ ବୋଲି ଜିଲାପାଳ ନିର୍ଦ୍ଦେଶନାମା ଦେବା ପରେ ପୌରପାଳିକା ପକ୍ଷରୁ ଗୁରୁବାର ଏହି ଅଭିଯାନ ଆରମ୍ଭ କରାଯାଇଥିଲା। ବେଆଇନ୍ ହୋର୍ଡିଂ ଲଗାଇଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପୌର ନିର୍ବାହୀ ଅଧିକାରୀ ବିନୋଦ ଚନ୍ଦ୍ର ପଣ୍ଡା ସୂଚନା ଦେଇଛନ୍ତି।

### ୩ ଦୁର୍ବୃତ୍ତଙ୍କୁ ପୋଲିସ ଜିମା

**ଅନୁଗୋଳ ଅଫିସ, ୧।୧୦:** ଅନୁଗୋଳ ବଜାର ଛକ ଆନ୍ଧ୍ର ବ୍ୟାଙ୍କ ସମ୍ମୁଖରୁ ବୁଧବାର ତାମ୍ରିତ୍ କଲୋନୀର ବୁବୁରାଣୀ ସାହୁଙ୍କ ସ୍କୁଟି ଚୋରି ଘଟଣାରେ ୩ ଦୁର୍ବୃତ୍ତଙ୍କୁ ପୋଲିସ ଜିମା ଦିଆଯାଇଛି। ଚୋରି ସମ୍ପର୍କରେ ଅଭିଯୋଗ ସତ୍ତ୍ୱେ ପୋଲିସ ଦୁର୍ବୃତ୍ତଙ୍କୁ ଧରିପାରି ନ ଥିଲା। ଗୁରୁବାର ସମ୍ପୃକ୍ତ ମହିଳାଙ୍କ ପୁଅ ଶିଶୁ ଉଦ୍ୟାନ ନିକଟରେ ଚୋରି ଗାଡ଼ିରେ ୩ ଜଣ ବସି ଯାଉଥିବା ଦେଖି ପିଛା କରିବା ସହ କମଳା ଫାର୍ମ ନିକଟରେ ଅଟକାଇଥିଲେ। ପରେ ଅଭିଯୋଗକାରୀଙ୍କ ସ୍ୱାମୀ ଶରତ ସାହୁ ପହଞ୍ଚି ସମ୍ପୃକ୍ତ ୩ ଜଣଙ୍କୁ ପୋଲିସ ଜିମା ଦେଇଥିଲେ।

# ଭୁଶୁଡ଼ିଲା ନବନିର୍ମିତ ଡ୍ରେନ୍

**ଅନୁଗୋଳ ଅଫିସ, ୧।୧୦**

- ୧୫ ଦିନ ତଳେ ହୋଇଥିଲା ନିର୍ମାଣ
- ନିମ୍ନମାନର କାର୍ଯ୍ୟ ନେଇ ଉଠିଲା ଅଭିଯୋଗ
- ପାଣିରେ ପଡ଼ିଲା ସରକାରଙ୍କ ୨ ଲକ୍ଷ ଟଙ୍କା



ଭୁଶୁଡ଼ି ପଡ଼ିଥିବା ଡ୍ରେନ୍ କାନ୍ଥ।

ଅନୁଗୋଳ ପୌରପାଳିକା ପକ୍ଷରୁ ୨ ଲକ୍ଷ ଟଙ୍କା ବ୍ୟୟରେ ହେମସୁରପଡ଼ାଠାରେ ଗତ ୧୫ ଦିନ ତଳେ ନିର୍ମାଣ କରାଯାଇଥିବା ଏକ ଡ୍ରେନ୍ ବୁଧବାର ରାତିରେ ବର୍ଷା ବେଳେ ଭୁଶୁଡ଼ି ପଡ଼ିଛି। ସହରର ଅନେକ ପୁରୁଣା ଡ୍ରେନ୍ କାନ୍ଥ ବର୍ଷାରେ ସୁରକ୍ଷିତ ଥିବାବେଳେ ନୂଆକରି ନିର୍ମାଣ ଏହି ଡ୍ରେନ୍ କେମିତି ଭୁଶୁଡ଼ିପଡ଼ିଲା ତାହାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହି କାର୍ଯ୍ୟାଦେଶ ପୌରପାଳିକାର ଜଣେ ଜୁନିୟର ଇଞ୍ଜିନିୟର (ଜେଇ)ଙ୍କ ନାମରେ ଥିବାବେଳେ ଦାୟିତ୍ୱ ନେଇଥିବା ଠିକାଦାର ଅତି ନିମ୍ନମାନର ନିର୍ମାଣ କରିଥିବା ନେଇ ଅଭିଯୋଗ ଉଠିଛି।

ପ୍ରକାଶ ଯେ, କରୋନା ସମୟରେ ଘରମୁହାଁ ପ୍ରବାସୀମାନଙ୍କ ହାତକୁ କାମ ଦେବା ପାଇଁ ରାଜ୍ୟ ସରକାର ପ୍ରତ୍ୟେକ ପୌରପାଳିକାକୁ ୯୪ ଲକ୍ଷ ଟଙ୍କା ଲେଖାଏ ଅନୁଦାନ ଦେଇଥିବାବେଳେ ଅନୁଗୋଳ ପୌରପାଳିକାକୁ ମଧ୍ୟ ଉକ୍ତ ଅର୍ଥରାଶି ପ୍ରଦାନ କରାଯାଇଥିଲା। ନିୟମ ଅନୁଯାୟୀ ହେବାକୁ ଥିବା ୧ ଲକ୍ଷ ଟଙ୍କାରୁ କମ୍ କାର୍ଯ୍ୟ ସ୍ୱୟଂ ସହାୟକ ଗୋଷ୍ଠୀ କରିବେ। ୧ ଲକ୍ଷ ଟଙ୍କାରୁ ଅଧିକ ହେଲେ କାର୍ଯ୍ୟାଦେଶ ପୌରପାଳିକାର ଜେଇଙ୍କୁ ଦିଆଯିବ। ସରକାରୀ ଅନୁଦାନ ମିଳିବା ପରେ ଅନୁଗୋଳ ପୌରପାଳିକା ପକ୍ଷରୁ ମୋଟ୍ ୪୮ଟି କାର୍ଯ୍ୟର କାର୍ଯ୍ୟାଦେଶ ଦିଆଯାଇଥିଲା। ସେଥିରୁ ୨୫ଟି ସ୍ୱୟଂ ସହାୟକ ଗୋଷ୍ଠୀ ଓ ୨୩ଟି ଜେଇଙ୍କ ନାମରେ ଥିଲା। ପୌରପାଳିକାର ଜେଇଙ୍କ ନାମରେ ମୋଟ୍ ୮୨ ଲକ୍ଷ ୬୨ ହଜାର ଟଙ୍କାର କାର୍ଯ୍ୟାଦେଶ ବାହାରିଥିବା ବେଳେ ସେଥିରୁ ୨ ଲକ୍ଷ ଟଙ୍କା ବ୍ୟୟରେ ହେମସୁରପଡ଼ାର ଧ୍ରୁବଚରଣଙ୍କ ଘର ଠାରୁ ଉତ୍ତରପଡ଼ା ସ୍କୁଲ ପଛ ପାର୍ଶ୍ୱ ପର୍ଯ୍ୟନ୍ତ ଡ୍ରେନ୍ ନିର୍ମାଣ କରାଯାଇଥିଲା। ପୌରପାଳିକାର ବିଭିନ୍ନ କାର୍ଯ୍ୟର ଠିକା ନେଉଥିବା ଜଣେ ଠିକାଦାର ଏହି ଡ୍ରେନ୍ ନିର୍ମାଣ କରିଥିଲେ। ହେମସୁରପଡ଼ା ହରିଜନ ବସ୍ତି ଉନ୍ନୟନ କମିଟି(ଏସ୍‌ଡିଏ)କୁ କାର୍ଯ୍ୟର ଅନୁଧ୍ୟାନ ଦାୟିତ୍ୱ ଦିଆଯାଇଥିଲା। କିନ୍ତୁ ନିମ୍ନମାନର କାର୍ଯ୍ୟ ଯୋଗୁ ଡ୍ରେନ୍ ବୁଧବାର ରାତିରେ ଭୁଶୁଡ଼ି ପଡ଼ିଥିବା ସାଧାରଣରେ ଅଭିଯୋଗ ହେଉଛି। ଏ ନେଇ କାର୍ଯ୍ୟାଦେଶ ପାଇଥିବା ପୌରପାଳିକାର ଜେଇଙ୍କୁ ବାରମ୍ବାର ଯୋଗାଯୋଗ କରିବାକୁ ଚେଷ୍ଟା କରାଯାଇଥିଲେ ହେଁ ତାଙ୍କ ମତାମତ ମିଳିପାରି ନାହିଁ। ଏସ୍‌ଡିଏ ସଭାପତି ଅଶୋକ ନାଏକ କହିଛନ୍ତି, ଠିକ୍ ଭାବେ ନିର୍ମାଣ ହେଉଥିବା ନେଇ ଠିକାଦାର କହିଥିଲେ। କିନ୍ତୁ କିଭଳି ଡ୍ରେନ୍ ଭୁଶୁଡ଼ିପଡ଼ିଲା ତାହା ଜାଣି ନାହିଁ। ପୌର ନିର୍ବାହୀ ଅଧିକାରୀ ବିନୋଦ ଚନ୍ଦ୍ର ପଣ୍ଡା କହିଛନ୍ତି, ସହରାଞ୍ଚଳ କର୍ମଭିତ୍ତିକ ରୋଜଗାର ଯୋଜନାରେ ଯେଉଁ କାର୍ଯ୍ୟ ହେଉଛି ତାହାର ତଦାରଖ ଜେଇ କରିବେ। ଡ୍ରେନ୍ ନିର୍ମାଣ କାର୍ଯ୍ୟ କେମିତି ହୋଇଥିଲା ତାହା ଜାଣିନାହିଁ। ତଥାପି ଘଟଣାର ଅନୁଧ୍ୟାନ କରାଯିବ ବୋଲି ନିର୍ବାହୀ ଅଧିକାରୀ ପ୍ରକାଶ କରିଛନ୍ତି।

## ହାଥରସ ଘଟଣାରେ ନ୍ୟାୟ ଦାବି




ଏସ୍‌ୟୁସିଆଇ ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପ୍ରତିବାଦ କରାଯାଉଛି।

**ଅନୁଗୋଳ ଅଫିସ, ୧।୧୦**

ଉତ୍ତରପ୍ରଦେଶର ହାଥରସ ଗଣବଳାତ୍କାର ଓ ଯୁବତୀଙ୍କ ମୃତ୍ୟୁ ଘଟଣାରେ ନ୍ୟାୟ ଦାବି କରିଛି ରାଜୀବ ଗାନ୍ଧୀ ଷ୍ଟୁଡେଣ୍ଟ ଫୋରମ ଅନୁଗୋଳ ଶାଖା। ସଭାପତି ଫାରୁକ ଅହମ୍ମଦଙ୍କ ନେତୃତ୍ୱରେ ଗୁରୁବାର ଗାନ୍ଧୀମୂର୍ତ୍ତି ତଳେ ସମୂହ ଦୀପ ପ୍ରଜ୍ୱଳନ କରାଯାଇଛି। ସେହିପରି କଂଗ୍ରେସର ପୂର୍ବତନ ସଭାପତି ରାହୁଲ ଗାନ୍ଧୀଙ୍କ ପ୍ରତି ସେଠାକାର ପୋଲିସ କରିଥିବା ଦୁର୍ବ୍ୟବହାରକୁ ଫୋରମ ପକ୍ଷରୁ ଦୃଢ଼ ନିନ୍ଦା କରାଯିବା ସହିତ ତୀବ୍ର ବିରୋଧ କରାଯାଇଛି। ଯୁବ କଂଗ୍ରେସ ନେତା ଶିବାନୀ ଶଙ୍କର ଗୀଡ଼, ଆଲୋକ କୁମାର ଦାସ, ରଶ୍ମି ରଞ୍ଜନ ସାହୁ, ଛାତ୍ର ନେତା ବାପୁଜୀ ପ୍ରଧାନ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ସାମିଲ ଥିଲେ। ସେହିପରି ହାଥରସ୍ ଘଟଣାକୁ ଏସ୍‌ୟୁସିଆଇ(କମ୍ୟୁନିଷ୍ଟ) ପକ୍ଷରୁ ବିରୋଧ କରାଯିବା ସହ ଗୁରୁବାର ଦେଶବ୍ୟାପୀ ପ୍ରତିବାଦ କରାଯାଇଛି। ଏହି ଅବସରରେ ଅନୁଗୋଳ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସଙ୍ଗଠନର କର୍ମକର୍ତ୍ତାମାନେ ପ୍ଲାକାର୍ଡ ପ୍ରଦର୍ଶନ କରିବା ସହ ଘଟଣାରେ ସମ୍ପୃକ୍ତ ଦୋଷୀଙ୍କୁ କଠୋରରୁ କଠୋର ଦଣ୍ଡରେ ଦଣ୍ଡିତ କରିବାକୁ ଦାବି କରିଥିଲେ। ଏ ନେଇ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଅତିରିକ୍ତ ଜିଲାପାଳଙ୍କୁ ପ୍ରଦାନ କରାଯାଇଥିଲା। ଏସ୍‌ୟୁସିଆଇ ଅନୁଗୋଳ ଜିଲା କମିଟି ସଭ୍ୟ ନବକିଶୋର ପ୍ରଧାନ, ସୁବାସ ପ୍ରଧାନ, ମାନସ ପାଳ, ସଞ୍ଜୟ ସାହୁଙ୍କ ସମେତ ରାଜ୍ୟ କମିଟି ସଭ୍ୟ ଅଶୋକ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି କିଶୋରନଗର ବ୍ଲକ ସମ୍ମୁଖରେ ମଧ୍ୟ ଏସ୍‌ୟୁସିଆଇ ପକ୍ଷରୁ ବିକ୍ଷୋଭ କରାଯାଇଛି। ତୀର୍ଥବାସୀ ଭୋଇଙ୍କ ନେତୃତ୍ୱରେ ରମଣୀ ରଞ୍ଜନ ପ୍ରଧାନ, ଉମେଶ ଚନ୍ଦ୍ର ନାୟକ, ଖଗେଶ୍ୱର ସେଠୀ, ରମେଶ ଲୁହା ପ୍ରମୁଖ ବିକ୍ଷୋଭରେ ସାମିଲ ହୋଇଥିଲେ। ଏସ୍‌ୟୁସିଆଇ, କଣିହାଁ ଆଞ୍ଚଳିକ କମିଟି ପକ୍ଷରୁ ମଧ୍ୟ ଏନ୍‌ଟିପିସି ବାଇପାସ୍ ଛକଠାରେ ପ୍ରତିବାଦ ସଭା ଆୟୋଜନ କରାଯାଇଥିଲା।

## କରୋନା ମୃତ୍ୟୁ ସଂଖ୍ୟା ୬

**ଢେଙ୍କାନାଳ ଅଫିସ, ୧।୧୦**

ଢେଙ୍କାନାଳ ଜିଲାରେ କରୋନା ମୃତ୍ୟୁ ସଂଖ୍ୟା ୬ରେ ପହଞ୍ଚିଛି। ସ୍ଥାନୀୟ ସାଇନଗର ଅଞ୍ଚଳର ୫୬ ବର୍ଷୀୟ ଜଣେ ବ୍ୟକ୍ତିଙ୍କ ଭୁବନେଶ୍ୱରସ୍ଥିତ କୋଭିଡ୍ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। ଷ୍ଟେଟ୍ ଡେଥ୍ ଅଡିଟ୍ ଟିମ୍ ପକ୍ଷରୁ ଏହାକୁ କୋଭିଡ୍ ସଂକ୍ରମଣଜନିତ ମୃତ୍ୟୁ ବୋଲି ଘୋଷଣା କରାଯାଇଛି। ସେହିପରି ଗୁରୁବାର ଦିନକରେ ଜିଲାରୁ ୬୦ କରୋନା ପଜିଟିଭ୍ ଚିହ୍ନଟ ହୋଇଥିବାବେଳେ ଚିକିତ୍ସା ପରେ ୮୫ଜଣ ସୁସ୍ଥ ହୋଇଛନ୍ତି। ଆକ୍ରାନ୍ତଙ୍କ ମଧ୍ୟରେ ଢେଙ୍କାନାଳ ପୌରାଞ୍ଚଳର ୧୦, ଓଡ଼ାପଡ଼ା ବ୍ଲକର ୭, ଗଁଦିଆର ୫, କଙ୍କଡ଼ାହାଡ଼ର ୫, ପରଜଙ୍ଗ ବ୍ଲକର ୨, ହିନ୍ଦୋଳ ବ୍ଲକର ଜଣେ, କାମାକ୍ଷାନଗର ବ୍ଲକ ଏବଂ ଏନ୍‌ଏସିରୁ ୫ ଜଣ ଅଛନ୍ତି। ସେହିପରି କଟକ ଏବଂ ଭୁବନେଶ୍ୱରରେ ଚିକିତ୍ସାଧୀନ ଅବସ୍ଥାରେ ୨୫ ଜଣ ସଂକ୍ରମିତ ହୋଇଥିବା ଜଣାପଡ଼ିଛି। ଆକ୍ରାନ୍ତଙ୍କୁ ଜିଲା କୋଭିଡ୍ ହସ୍ପିଟାଲ ସମେତ ବିଭିନ୍ନ ବ୍ଲକର କେୟାର ସେଣ୍ଟରରେ ଭର୍ତ୍ତି କରାଯାଇଛି। ଏବେ ସୁଦ୍ଧା ଜିଲାରେ ୩୭୯୬ ଆକ୍ରାନ୍ତ ଚିହ୍ନଟ ହୋଇଥିବାବେଳେ ଚିକିତ୍ସା ପରେ ୩୧୮୩ ଜଣ ସୁସ୍ଥ ହେଲେଣି।

## ବିସ୍ଥାପିତଙ୍କ ଜମି ଚିହ୍ନଟ ପ୍ରକ୍ରିୟା ଆରମ୍ଭ



ପ୍ରଶାସନିକ ଅଧିକାରୀମାନେ ଜମି ଚିହ୍ନଟ କରୁଛନ୍ତି।

**ମାଧପୁର, ୧।୧୦**

ମାନଜୋର ଜଳସେଚନ ପ୍ରକଳ୍ପ ଦ୍ୱାରା କ୍ଷତିଗ୍ରସ୍ତ ହୋଇ ଆଠମଲ୍ଲିକ ବ୍ଲକ କନ୍ଧପଡା ପଞ୍ଚାୟତର ପାତ୍ରପଡା ଗ୍ରାମରେ ଥଇଥାନ ହୋଇଥିବା ଗ୍ରାମବାସୀଙ୍କ ଜମି ଚିହ୍ନଟ ପାଇଁ ପ୍ରଶାସନ ପକ୍ଷରୁ ପ୍ରକ୍ରିୟା ଆରମ୍ଭ ହୋଇଛି। ସେମାନେ କିଶୋରନଗର ବ୍ଲକ ରଣିଆକଟା ପଞ୍ଚାୟତ ବିଶ୍ୱନାଥପୁର ଗ୍ରାମରୁ ବିସ୍ଥାପିତ ହୋଇଥିବାବେଳେ କ୍ଷତିଗ୍ରସ୍ତଙ୍କୁ ଜମି ପଟ୍ଟା ମଧ୍ୟ ମିଳିଥିଲା। ହେଲେ ଜମି ଚିହ୍ନଟ କରାଯାଇ ନ ଥିବାରୁ ସେମାନେ ଅସୁବିଧାର ସମ୍ମୁଖୀନ ହେଉଥିଲେ। ଏ ନେଇ ଗତ ମଙ୍ଗଳବାର ଅନୁଗୋଳ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କ ନିକଟରେ ଅଭିଯୋଗ ରଖିଥିଲେ। ଜିଲାପାଳ ଏହାର ସମାଧାନ ପାଇଁ ଆଠମଲ୍ଲିକ ପ୍ରଶାସନିକ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବୁଧବାର ଆଠମଲ୍ଲିକ ତହସିଲଦାର ଡ. ସ୍ୱରୂପାନନ୍ଦ ସାହୁଙ୍କ ନେତୃତ୍ୱରେ ଅତିରିକ୍ତ ତହସିଲଦାର ଅଶୋକ ଦେହୁରୀ, ସୁପରଭାଇଜର ରଶ୍ମିରଞ୍ଜନ ହୋତା, କିଆକଟା ଥାନା ଅଧିକାରୀ ଅନାମ ଲାକ୍ରା, ପ୍ରକଳ୍ପ ସହକାରୀ ଯନ୍ତ୍ରୀ ସୁରେଶ ଚନ୍ଦ୍ର ଗଡନାୟକ, ରଷି ଧନୁଆର ପ୍ରମୁଖ ପାତ୍ରପଡ଼ାକୁ ଯାଇ ବିସ୍ଥାପିତଙ୍କ ସହିତ ଆଲୋଚନା କରିବା ସହ ଜମି ଚିହ୍ନଟ ପ୍ରକ୍ରିୟା ଆରମ୍ଭ କରିଛନ୍ତି।

## ତଦନ୍ତ ନିର୍ଦ୍ଦେଶ ଦେଲେ ସିଡିଏମ୍ଓ

**ଅନୁଗୋଳ ଅଫିସ, ୧।୧୦**

ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ମଙ୍ଗଳବାର ବନ୍ତଲା ଥାନା ମାଣପୁର ଗ୍ରାମର ତ୍ରିଲୋଚନ ଦାସଙ୍କ ମୃତଦେହ ବ୍ୟବଚ୍ଛେଦ ପାଇଁ ପରିବାର ଲୋକଙ୍କୁ ହାତଗୁଞ୍ଜା ମଗାଯାଇଥିବା ଅଭିଯୋଗ ହୋଇଥିଲା। ଏ ନେଇ ବୁଧବାର 'ଧରିତ୍ରୀ'ରେ ଖବର ପ୍ରକାଶ ପରେ ଜିଲାର ବୁଦ୍ଧିଜୀବୀମାନେ ପ୍ରଶାସନ ଓ ସରକାରଙ୍କୁ ଟୁଇଟ୍ କରିଥିଲେ। ଏହାପରେ ଉକ୍ତ ଘଟଣାର ତଦନ୍ତ କରି ରିପୋର୍ଟ ପ୍ରଦାନ କରିବାକୁ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ (ସିଡିଏମ୍ଓ) ଅଭୟ କୁମାର ଦାଶ ନିର୍ଦ୍ଦେଶ ଦେଇଛନ୍ତି। ମେଡିକାଲ ମ୍ୟାନେଜରଙ୍କୁ ତଦନ୍ତ ଦାୟିତ୍ୱ ପ୍ରଦାନ କରାଯାଇଥିବା ସୂଚନା ମିଳିଛି। ଏହି ଘଟଣାକୁ ଦୁଇ ଦିନ ବିତିଯାଇଥିଲେ ମଧ୍ୟ କୌଣସି କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯିବା ନେଇ ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି।

## ବଜ୍ରପାତରେ ଜଣେ ମୃତ

**ବଇଣ୍ଡା, ୧।୧୦(ଡି.ଏନ.ଏ.)**

କିଶୋରନଗର ବ୍ଲକ ହଣ୍ଡପା ଥାନା ଲୁହାମୁଣ୍ଡା ଗ୍ରାମରେ ବୁଧବାର ବଜ୍ରପାତ ଘଟି ହରିଆ ବେହେରା(୫୭)ଙ୍କ ମୃତ୍ୟୁ ହୋଇଛି। ତାଙ୍କ ମୃତଦେହକୁ ପୋଲିସ ପରିବାର ଉପସ୍ଥିତିରେ ଉଦ୍ଧାର କରିଛି। ଘଟଣାରୁ ଜଣାପଡିଛି, ହରିଆ ବୁଧବାର ଗ୍ରାମ ନିକଟସ୍ଥ ଜଙ୍ଗଲକୁ ଗାଈ ଚରାଇବାକୁ ଯାଇ ସନ୍ଧ୍ୟାରେ ଫେରୁଥିଲେ। ଏହି ସମୟରେ ବର୍ଷା ସହ ବଜ୍ରପାତ ହେବାରୁ ତାଙ୍କର ମୃତ୍ୟୁ ଘଟିଥିବା ଜଣାପଡିଛି। ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ହଣ୍ଡପା ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଛି।

# ମାସେ ଆନ୍ଦୋଳନ କରିବ କଂଗ୍ରେସ



ବୈଠକରେ କଂଗ୍ରେସ ନେତୃବୃନ୍ଦ।

**ଢେଙ୍କାନାଳ ଅଫିସ, ୧।୧୦**

**କୃଷି ଆଇନକୁ ବିରୋଧ**

କେନ୍ଦ୍ର ସରକାରଙ୍କ ଚାଷୀମାରଣ ନୀତି ଏବଂ କୃଷି ବିଲ୍ ବିରୋଧରେ ଅକ୍ଟୋବର ୨ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀରୁ ମାସେବ୍ୟାପୀ ଆନ୍ଦୋଳନ କରିବାକୁ ନିଷ୍ପତ୍ତି ନେଇଛି ଢେଙ୍କାନାଳ ଜିଲା କଂଗ୍ରେସ। ଏଆଇସିସି ଏବଂ ପିସିସିର ନିର୍ଦ୍ଦେଶ ପରେ ଏହି ନିଷ୍ପତ୍ତି ହୋଇଛି। ଏ ନେଇ ଗୁରୁବାର ସ୍ଥାନୀୟ ଗାନ୍ଧୀ ମନ୍ଦିର ପରିସରରେ ଆୟୋଜିତ ବୈଠକରେ ପର୍ଯ୍ୟବେକ୍ଷକ ତଥା ପୂର୍ବତନ ମନ୍ତ୍ରୀ ବିଜୟଲକ୍ଷ୍ମୀ ସାହୁ ଯୋଗଦେଇ କହିଲେ, କେନ୍ଦ୍ର ସରକାରଙ୍କ ପ୍ରଣିତ କୃଷି ଆଇନ ଚାଷୀଙ୍କ ଜୀବନ ଜୀବିକା ବିରୋଧୀ। ଏହାକୁ ତୁରନ୍ତ ପ୍ରତ୍ୟାହାର କରା ନ ଗଲେ ଆନ୍ଦୋଳନକୁ ତୀବ୍ର କରାଯିବ।

କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇ ଜିଲା କଂଗ୍ରେସ ମୁଖପାତ୍ର ଡା. ତୁଷାରକାନ୍ତି ନାୟକ କହିଛନ୍ତି, ଗାନ୍ଧୀ ଜୟନ୍ତୀରୁ ଏହା ଆରମ୍ଭ ହେବ। ଜିଲା ସଦର ମହକୁମା, ବ୍ଲକ, ପଞ୍ଚାୟତରେ ଗଣଧାରଣା, ବିକ୍ଷୋଭ ଆୟୋଜନ କରାଯିବ। ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଦସ୍ତଖତ ଅଭିଯାନ ଚାଲିବ।

ଶୁକ୍ରବାର ସହରରେ ପଦଯାତ୍ରା ଏବଂ ବସ୍‌ଷ୍ଟାଣ୍ଡ ନିକଟ ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତି ସମ୍ମୁଖରେ ଅନଶନ କରାଯିବ। ବୈଠକରେ ପୂର୍ବତନ ମନ୍ତ୍ରୀ ନବୀନଚନ୍ଦ୍ର ନାରାୟଣ ଦାସ, ସୁବାସିନୀ ମହାକୁଡ, ମମତାଞ୍ଜଳି ବେହେରା, ରବିନାରାୟଣ ମହାନ୍ତି, ସୁନୀଲ ଦାସ, ପ୍ରେମଶଙ୍କର ମିଶ୍ର, ନିର୍ମଳ ମିଶ୍ର, ବାବୁ ଖାଁ, ହାଇଦର ମହମ୍ମଦ, ସମସିଦା ତାଏବ, ବିପ୍ରବର ସାହୁ, ପ୍ରକାଶ କୁଅଁର ପ୍ରମୁଖ ଉପସ୍ଥିତ ଥିଲେ।

# ୨ଟା ପରେ ଦୋକାନ ବନ୍ଦ

**ଢେଙ୍କାନାଳ ଅଫିସ, ୧।୧୦**

- ଚାମ୍ବର୍ସ ଅଫ୍ କମର୍ସର ନିଷ୍ପତ୍ତି
- ୧୫ ତାରିଖ ଯାଏ କଟକଣା

ଢେଙ୍କାନାଳ ସହରରେ ବଢୁଥିବା ସଂକ୍ରମଣ ରୋକିବାକୁ ଗୁରୁବାରଠାରୁ ଆସନ୍ତା ୧୫ ତାରିଖ ଯାଏ ସମସ୍ତ ବ୍ୟବସାୟିକ ପ୍ରତିଷ୍ଠାନ, ଦୋକାନ ବଜାର ଅପରାହ୍ନ ୨ଟା ପରେ ବନ୍ଦ ରଖାଯିବ ବୋଲି ଚାମ୍ବର ଅଫ୍ କମର୍ସ ପକ୍ଷରୁ ନିଷତ୍ତି ନିଆଯାଇଛି। ତଦନୁଯାୟୀ, ୧୫ତାରିଖ ଯାଏ ସକାଳ ୬ଟାରୁ ଦିନ ୨ଟା ଯାଏ ବ୍ୟବସାୟିକ ପ୍ରତିଷ୍ଠାନ ଖୋଲିବ। ତେବେ ଔଷଧ ଦୋକାନଗୁଡ଼ିକୁ କଟକଣାରୁ ବାଦ୍ ଦିଆଯାଇଛି। ଏ ନେଇ ସଚେତନ କରିବାକୁ ଡାକବାଜି ଯନ୍ତ୍ରରେ ପ୍ରଚାର କରାଯାଇଛି। ଏ ସଂକ୍ରାନ୍ତରେ ଚାମ୍ବର ଅଫ୍ କମର୍ସ ସଭାପତି ଶରତ ଚନ୍ଦ୍ର ପାଢ଼ୀ କୁହନ୍ତି, ସହରରେ କରୋନା ସଂକ୍ରମଣ ବଢୁଥିବାରୁ ପ୍ରଶାସନ ସହ ଆଲୋଚନା କରି ଏହି ନିଷ୍ପତ୍ତି ନିଆଯାଇଛି।

# ୩ ମାସରେ ସରିବ କୁଷ୍ଠ ସର୍ଭେ

**ଢେଙ୍କାନାଳ ଅଫିସ, ୧।୧୦**




କୁଷ୍ଠରୋଗ ଚିହ୍ନଟ ଅଭିଯାନର ଶୁଭାରମ୍ଭ କରାଯାଉଛି।

- ଆରମ୍ଭ ହେଲା ସ୍ୱତନ୍ତ୍ର ଅଭିଯାନ
- ଆଶାକର୍ମୀଙ୍କ ଉପରେ ଗୁରୁଦାୟିତ୍ୱ
- ବର୍ଷକୁ ୪ ଥର କରାଯିବ ପରୀକ୍ଷା

ଢେଙ୍କାନାଳ ଜିଲାକୁ କୁଷ୍ଠମୁକ୍ତ କରିବାକୁ ସଂକଳ୍ପ କରିଛି ସ୍ୱାସ୍ଥ୍ୟ ବିଭାଗ। ଏଥିପାଇଁ ଗୁରୁବାରଠାରୁ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ ହୋଇଥିବାବେଳେ ଆଶାକର୍ମୀଙ୍କୁ ଦିଆଯାଇଛି ଗୁରୁଦାୟିତ୍ୱ। ଆଶାମାନେ ନିଜ ଗ୍ରାମରେ ଘର ଘର ବୁଲି କୁଷ୍ଠରୋଗୀଙ୍କୁ ଚିହ୍ନଟ କରିବେ। ପ୍ରତି ମାସରେ ଗ୍ରାମର ଏକ ତୃତୀୟାଂଶ ଲୋକଙ୍କ ସର୍ଭେ କରାଯିବ। ୩ ମାସରେ ଗୋଟିଏ ଗ୍ରାମର ପୂର୍ଣ୍ଣାଙ୍ଗ ସର୍ଭେ ଶେଷ ହେବ। ଏହି ଅଭିଯାନ ଆନୁକୂଲ୍ୟରେ ପରିବାରର ପ୍ରତି ସଦସ୍ୟଙ୍କୁ ବର୍ଷକକୁ ୪ ଥର ପରୀକ୍ଷା କରାଯିବ ବୋଲି ନିଷ୍ପତ୍ତି ହୋଇଛି। ସଦର ବ୍ଲକ ଗୋବିନ୍ଦପୁରଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ (ସିଡିଏମ୍ଓ) ସୁଜାତାରାଣୀ ମିଶ୍ର ଯୋଗଦେଇ କହିଲେ, କୁଷ୍ଠରୋଗ ସମ୍ପୂର୍ଣ୍ଣ ଆରୋଗ୍ୟସାଧ୍ୟ। ଏଥିପାଇଁ ସ୍ୱାସ୍ଥ୍ୟ ବିଭାଗର ପରାମର୍ଶକ୍ରମେ ବିଧି ଅନୁଯାୟୀ ଔଷଧ ସେବନ କରିବାକୁ ପଡିବ। ଚର୍ମ ଶୁଷ୍କ, ତେଲିଆ ଦେଖାଯିବା, ଚକ୍ଷୁ ସମ୍ପୂର୍ଣ୍ଣ ବନ୍ଦ କରିବାରେ ଅସମର୍ଥ, ହାତପାଦ ଝିମ୍‌ଝିମ୍ ହେବା, ବଧିରା ଲକ୍ଷଣ, ଦରଜ ବିହୀନ ଘା' କୁଷ୍ଠରୋଗର ପ୍ରାରମ୍ଭିକ ଲକ୍ଷଣ ହୋଇପାରେ। ଏହାକୁ ଚିହ୍ନଟ ପରେ ପ୍ରକାରଭେଦ ଅନୁଯାୟୀ ୬ କିମ୍ବା ୧୨ମାସ ଯାଏ ଏମ୍‌ଡିଟି ଔଷଧ ଦିଆଯାଏ। ଏହା ଦେୟମୁକ୍ତ ଏବଂ ସମସ୍ତ ସରକାରୀ ଡାକ୍ତରଖାନାରେ ଉପଲବ୍ଧ ବୋଲି ସିଡିଏମ୍ଓ କହିଛନ୍ତି।

ଅନ୍ୟମାନଙ୍କ ମଧ୍ୟରେ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଜ୍ୟୋତିଷ ଚନ୍ଦ୍ର ମହାପାତ୍ର, ଡା. ଗୁରୁପ୍ରସାଦ ଜେନା, ଡା. ସୂର୍ଯ୍ୟନାରାୟଣ ଦତ୍ତ, ଜୟନ୍ତୀ ମହାରଣା, ଉଦୟନାଥ ମାଝିଙ୍କ ସମେତ ଡାକ୍ତରଖାନାର ସ୍ୱାସ୍ଥ୍ୟକର୍ମୀ ଉପସ୍ଥିତ ଥିଲେ।

## ଚଢ଼ାଉ, ବଜାର ବନ୍ଦ

**ବଇଣ୍ଡା, ୧।୧୦(ଡି.ଏନ.ଏ.)**

କିଶୋରନଗର ବ୍ଲକ ବଇଣ୍ଡା ଅଞ୍ଚଳରେ କରୋନା ସଂକ୍ରମିତଙ୍କ ସଂଖ୍ୟା ବଢୁଥିବାବେଳେ ଏହାକୁ ରୋକିବାକୁ ପ୍ରଶାସନ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇଛି। ଏଥିସହ ବଇଣ୍ଡା ବଜାରକୁ ଶୁକ୍ରବାରଠାରୁ ରବିବାର ପର୍ଯ୍ୟନ୍ତ ଶଟ୍‌ଡାଉନ କରାଯିବା ନେଇ ନୁନୁକାପଶି ସରପଞ୍ଚ ଜଳଧର ସାହୁ ଘୋଷଣା କରିଛନ୍ତି। ସୋମବାରଠାରୁ ୧୫ ଦିନ ପାଇଁ ସକାଳ ୭ଟାରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ଦୋକାନ ଖୋଲା ରହିବା ପାଇଁ ଏକ ଚିଠି ମାଧ୍ୟମରେ ଅବଗତ କରାଇଛନ୍ତି। ଅନ୍ୟପକ୍ଷରେ କୋଭିଡ୍ ନିୟମ ପାଳନ କରୁ ନ ଥିବା ଲୋକଙ୍କଠାରୁ କିଶୋରନଗର ଏବିଡିଓ ଜ୍ୟୋତି ରଞ୍ଜନ ପ୍ରଧାନ ଓ ବଇଣ୍ଡା ଫାଣ୍ଡି ଅଧିକାରୀ ଅରୁଣ କୁମାର ପଣ୍ଡା ୭ ହଜାର ଟଙ୍କା ଜରିମାନା କରିଛନ୍ତି।

## ହାତଗୋଡ଼ ବନ୍ଧା ଅବସ୍ଥାରେ ନାବାଳକ ଉଦ୍ଧାର

**ଛେଣ୍ଡିପଦା,୧।୧୦(ସ୍ୱ.ପ୍ର.)**

ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ ନୂଆଗାଁ ଅଞ୍ଚଳର ଏକ ପରିତ୍ୟକ୍ତ ଗୃହରୁ ବୁଧବାର ଜଣେ ନାବାଳକଙ୍କୁ ହାତଗୋଡ଼ ବନ୍ଧା ଥିବା ଅବସ୍ଥାରେ ଉଦ୍ଧାର କରାଯାଇଛି। ପରିବାର ପକ୍ଷରୁ ଥାନାରେ ଅଭିଯୋଗ ପରେ ଛେଣ୍ଡିପଦା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛି। ଅଭିଯୋଗରୁ ଜଣାଯାଏ, ନାବାଳକ ଜଣକ ଦ୍ୱିପ୍ରହରରେ ତାଙ୍କ ଭାଇକୁ ଖୋଜିବାକୁ ନୂଆଗାଁ ଆସିଥିଲେ। ସେଠାରେ ୨ ଜଣ ଦୁର୍ବୃତ୍ତ ତାଙ୍କୁ କପଡ଼ାରେ କିଛି ଶୁଘାଂଇ ଦେଇଥିଲେ। ପ୍ରାୟ ୩ ଘଣ୍ଟା ପରେ ଚେତା ଆସିବାରୁ ତାଙ୍କ ହାତଗୋଡ଼ ବନ୍ଧା ହୋଇଥିବା ଏବଂ ପାଟିରେ ଟେପ୍ ଲଗାଯାଇଥିବା ନାବାଳକ ଜଣକ ଦେଖିବାକୁ ପାଇଥିଲେ। ଶବ୍ଦ ଶୁଣି ସ୍ଥାନୀୟ କେତେଜଣ ଯୁବକ ସେଠାରେ ପହଞ୍ଚି ନାବାଳକଙ୍କୁ ଉଦ୍ଧାର କରିଥିଲେ। ତଦନ୍ତ ପରେ ଘଟଣା ଜଣାପଡିବ ବୋଲି ପୋଲିସ କହିଛି।

